**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................

ବୟସ:......................................

ଜନ୍ମ ତାରିଖ: ...............................



ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସମସ୍ତ ପ୍ରକଳ୍ପର ଫଟୋଚିତ୍ର, ଭିଡିଓ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ

ଢେଙ୍କାନାଳ,୨୫।୨(ରତନ ନାୟାର)

## ଆକାଂକ୍ଷୀ ଜିଲା ଓ ବ୍ଲକ୍ କାର୍ଯ୍ୟକ୍ରମ ସମୀକ୍ଷା ବୈଠକ



ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହଠାରେ ଆକାଂକ୍ଷୀ ଜିଲା ଓ ବ୍ଲକ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଯୋଜନା ଓ ସମନ୍ୱୟ ବିଭାଗର ସ୍ୱତନ୍ତ୍ର ସଚିବ ଟେମଜେନ ୱାପାଙ୍ଗ୍, ଜିଲାର ସମସ୍ତ ବ୍ଲକରେ ହେଉଥିବା ଯୋଜନାଗୁଡ଼ିକର ରୂପାୟନ ସମ୍ପର୍କରେ ଅବଗତ ହୋଇଥିଲେ। କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପର ଫଟୋଚିତ୍ର ଓ ଭିଡିଓ ସହିତ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ।

ଗର୍ଭବତୀ ମହିଳା ଓ ଶିଶୁମାନଙ୍କର ପୌଷ୍ଟିକତା, ଯକ୍ଷ୍ମା ନିରାକରଣ ଓ ଟିକାକରଣ କାର୍ଯ୍ୟକ୍ରମ, ଅଙ୍ଗନୱାଡି କେନ୍ଦ୍ରର କାର୍ଯ୍ୟକାରିତା, ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ଋଣ ପ୍ରଦାନ ଓ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ମୃତ୍ତିକା ପରୀକ୍ଷା ଓ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଗାଣ, ଶ୍ରୀଅନ୍ନ ଅଭିଯାନ, ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ନିର୍ମାଣ, ଯାନବାହାନ ଚଳାଚଳ ଓ ନିୟମ ଉଲ୍ଲଂଘନ ଯୋଗୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଚାଷୀମାନଙ୍କ ପାଇଁ ଫସଲ ବୀମା ଯୋଜନାର କାର୍ଯ୍ୟକାରିତା, ଚାଷକାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ସାର ଓ ବିଭିନ୍ନ କିସମର ବିହନ ଯୋଗଣରେ ଉପୁଜୁଥିବା ସମସ୍ୟା, ଚାଷୀଙ୍କଠାରୁ ଧାନ ସଂଗ୍ରହ, ମତ୍ସ୍ୟଚାଷ ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କର ଭାଗୀଦାରି ଓ ମତ୍ସ୍ୟ ପୋଖରୀ ଯୋଜନାର ସଫଳ କାର୍ଯ୍ୟକାରିତା, ଗୋପାଳନ, ଛେଳି ଓ କୁକୁଡ଼ା ଚାଷ ଓ ବୀମା ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନା ଓ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ, ସମସ୍ତ ସହରାଞ୍ଚଳ ଓ କଙ୍କଡ଼ାହାଡ ବ୍ଲକରେ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ, ଶିଳ୍ପୀ ଉନ୍ନତି ଯୋଜନାରେ ଯୁବପିଢ଼ିଙ୍କୁ ତାଲିମ ପ୍ରଦାନ, ହସ୍ତଶିଳ୍ପ ଓ ଅନ୍ୟାନ୍ୟ ସାମଗ୍ରୀର ଅନ୍‌ଲାଇନ୍ ବିକ୍ରି ସୁବିଧା, ଅଣସଂଗଠିତ ଓ ନିର୍ମାଣ ଶ୍ରମିକମାନଙ୍କ ପାଇଁ କଲ୍ୟାଣମୂଳକ ଯୋଜନା କାର୍ଯ୍ୟ, ବସୁନ୍ଧରା ଯୋଜନା ଜରିଆରେ ବାସଜମି ଯୋଗାଣ, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାଙ୍କୁ ଛାତ୍ରବୃତ୍ତି ପ୍ରଦାନ, ମିଶନଶକ୍ତି ମାଧ୍ୟମରେ ବିଭିନ୍ନ ଯୋଜନାର ସଫଳ କାର୍ଯ୍ୟକ୍ରମ ଓ ରାଜସ୍ୱ ଆଦାୟ ଆଦି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ବୈଠକରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ଓ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ବିଭାଗୀୟ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଜିଲା ଯୋଜନା ଓ ସମନ୍ୱୟର ବରିଷ୍ଠ ଅର୍ଥନୀତିଜ୍ଞ ଦେବାଶିଷ ପଟ୍ଟନାୟକ ପାୱାର ପଏଣ୍ଟ ମାଧ୍ୟମରେ ସମସ୍ତ ବିଭାଗର ତଥ୍ୟ ପ୍ରଦାନ କରିଥିଲେ।

# ଦେଢ଼ ଫୁଟ୍ ଉଚ୍ଚତାର ଛାତ୍ରୀ ଦେଉଛନ୍ତି ମାଟ୍ରିକ୍ ପରୀକ୍ଷା

କାମାକ୍ଷାନଗର, ୨୫।୨ (ସୁଧୀର କୁମାର ପରିଡ଼ା)

ଦେଢ଼ଫୁଟ ଉଚ୍ଚତା ବିଶିଷ୍ଟ ଛାତ୍ରୀ ଚଳିତ ବର୍ଷ ଅନୁଷ୍ଠିତ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ସେ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ମହୁଲପାଳ ସ୍ଥିତ ନିଗମାନନ୍ଦ ହାଇସ୍କୁଲର ସୁନିତା ନାୟକ। ସେ କାନପୁରା ସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ସେ ଠିକ୍ ଭାବେ କଥା କହିପାରନ୍ତି ନାହିଁ କି ଶୁଣି ପାରନ୍ତି ନାହିଁ। ତେଣୁ ତାଙ୍କ ମା' ତାଙ୍କୁ ନେବାଆଣିବା କରୁଛନ୍ତି। ସେ ସବୁ ଜାଣିପାରୁଥିବା ବେଳେ ଠାରରେ ସମସ୍ତ କାର୍ଯ୍ୟ ସମ୍ପାଦନ କରନ୍ତି। ଛାତ୍ରୀଜଣଙ୍କ ଭିନ୍ନକ୍ଷମ ହୋଇଥିବାରୁ ତାଙ୍କର ପରିଭାଷାକୁ ଠାରରେ ଜଣାଉଥିବାରୁ ତାଙ୍କର ଜଣେ ସମ୍ପର୍କୀୟ ଭାଇ ନବମ ଶ୍ରେଣୀରେ ପଢୁଥିବା ପ୍ରତାପ ନାୟକ ତାଙ୍କ ପାଇଁ ପରୀକ୍ଷା ଦେଉଛନ୍ତି।



# ପାଠକ, ଛାତ୍ରୀଛାତ୍ର ଜିଲା ପ୍ରଶାସନର ଦ୍ୱାରସ୍ଥ



ସଂସ୍କୃତି ଅଧିକାରୀ ପାଠକଙ୍କ ସହିତ ଆଲୋଚନା କରୁଛନ୍ତି।

ଢେଙ୍କାନାଳ,୨୫।୨(ରତନ ନାୟାର)

## ପାଠାଗାରରେ ଅବ୍ୟବସ୍ଥା

ଢେଙ୍କାନାଳ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଗଣେଶବଜାର ନିକଟରେ ଥିବା ପାଠାଗାରରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ସେଠାକୁ ପ୍ରତିଦିନ ବହି ଓ ଖବର କାଗଜ ପଢିବାକୁ ଆସୁଥିବା ପାଠକ, ଛାତ୍ରୀଛାତ୍ରମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ସମସ୍ୟାର ସମାଧାନ ପାଇଁ ବୁଧବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏପରିକି ପାଠାଗାର ପରିସରରେ ଥିବା ଟଏଲେଟ୍ ସଫାସୁତରା ହେଉ ନ ଥିବାରୁ ଏହାକୁ ନେଇ ମଧ୍ୟ ଛାତ୍ରୀଛାତ୍ରମାନେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି।

ଅଭିଯୋଗରୁ ଜଣାପଡିଛି ଯେ, ଗଣେଶବଜାରଠାରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ଥିବା ସୁରପ୍ରତାପ କ୍ଲବ ଘରକୁ ପୌରସଂସ୍ଥା ପକ୍ଷରୁ ସେଠାରେ ଏକ ନୂତନ ଟାଉନହଲ ବିଲ୍ଡିଂ ପ୍ରତିଷ୍ଠା ପାଇଁ ଭାଙ୍ଗି ଦିଆଯାଇଛି । ବରିଷ୍ଠ ନାଗରିକମାନେ ବସାଉଠା ଏବଂ ଖବର କାଗଜ ପଢ଼ିବା ନିମନ୍ତେ ପାଠାଗାରକୁ ଆସୁଛନ୍ତି । ଗୋଟିଏ ପ୍ରକୋଷ୍ଠରେ ବସିବା ପାଇଁ ଆବଶ୍ୟକ ବ୍ୟବସ୍ଥା ନ ଥିବାରୁ ଛାତ୍ରୀଛାତ୍ରମାନଙ୍କ ପାଇଁ ସେଠାରେ ବସି ପଢିବା ପାଇଁ ସମସ୍ୟା ସୃଷ୍ଟି ହୋଇଛି । ସେମାନଙ୍କର ପଢ଼ାପଢ଼ି କରିବା ବାଧାପ୍ରାପ୍ତ ହେଉଛି ବୋଲି ଜଣାପଡିଛି। ଖବରପାଇ ଜିଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ଛାତ୍ରୀଛାତ୍ରଙ୍କ ସହ ପାଠାଗାର ପରିଦର୍ଶନ କରି ସମସ୍ୟା ସମ୍ପର୍କରେ ଜାଣିବା ପରେ ଜିଲାପାଳଙ୍କୁ ଅବଗତ କରାଇ ଏହାର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି କହିଛନ୍ତି ।

# ପୌରସଂସ୍ଥାରେ ବେଆଇନ ଟେଣ୍ଡର ବାତିଲ କରାଯାଉ

## ପୌର ଉପାଧ୍ୟକ୍ଷଙ୍କ ସମେତ ୧୦ କାଉନସିଲରଙ୍କ ଦାବିପତ୍ର ପ୍ରଦାନ

ଢେଙ୍କାନାଳ,୨୫।୨(ରତନ ନାୟାର)



ଢେଙ୍କାନାଳ ପୌରସଂସ୍ଥାର ପୌର ଉପାଧ୍ୟକ୍ଷଙ୍କ ସମେତ ୧୦ ବିଜେଡି କାଉନସିଲର ବେଆଇନ ଟେଣ୍ଡର ବାତିଲ କରିବା ପାଇଁ ବୁଧବାର ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଏହାର ଏକକିତା ନକଲ ଜିଲାପାଳ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଓ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ପ୍ରଦାନ କରିଛନ୍ତି ।

ଅଭିଯୋଗରୁ ଜଣାପଡିଛି ଯେ, ଟେଣ୍ଡର ବିଜ୍ଞାପନ କ୍ରମିକ ସଂଖ୍ୟା-୪୮୩/୧୭.୦୨.୨୦୨୬ ଅନୁଯାୟୀ ଡକାଯାଇଥିବା ୨୩ଟି ଅନ୍ୟୂନ ୧୨୦ଟି ହସ୍ତବୃତ୍ତ ଠିକା ପ୍ରସ୍ତାବ (ପେପର ଟେଣ୍ଡର) ଯେଉଁଭଳି ଭାବରେ କାର୍ଯ୍ୟକ୍ଷମ କରିବା ପାଇଁ ବର୍ଣ୍ଣିତ କରାଯାଇଛି, ତାହା କୌଣସି ମତେ ବି ମାନ ନିରୂପଣ କରିପାରିବ ନାହିଁ। ବିଭିନ୍ନ ୱାର୍ଡରେ ବିଭିନ୍ନ କାର୍ଯ୍ୟ ପାଇଁ ମାତ୍ରାଧିକ ଠିକାଦାର ନିଯୁକ୍ତି ହେଲେ କାର୍ଯ୍ୟଗୁଡିକର ମାନ ହ୍ରାସପାଇବ । ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ନିର୍ଦ୍ଦିଷ୍ଟ ପ୍ରକାର କାର୍ଯ୍ୟ ପାଇଁ ଠିକା ପ୍ରସ୍ତାବ ନ କରି ସେଗୁଡିକ ଛୋଟଛୋଟ ଭାବେ ବିଭକ୍ତ କରିଦେବା ସମ୍ପୂର୍ଣ୍ଣ ନ୍ୟସ୍ତସ୍ୱାର୍ଥ ପ୍ରଣୋଦିତ ବୋଲି ପୌର ଉପାଧ୍ୟକ୍ଷ ଓ କାଉନସିଲରମାନେ ଅଭିଯୋଗ କରିଛନ୍ତି। ଏହି ଚିଠା ପ୍ରସ୍ତାବ ଗୁଡିକ ଇ-ଟେଣ୍ଡର କରା ନ ଯାଇ ପେପର ଟେଣ୍ଡର କରାଯିବା କାର୍ଯ୍ୟକ୍ରମର ସ୍ୱଚ୍ଛତାବିହୀନ ପଦକ୍ଷେପ ବୁଝାପଡ଼େ ବୋଲି ଅଭିଯୋଗରେ ଦର୍ଶାଯାଇଛି । ଜିଲାରେ ଅନେକ ସକ୍ଷମ ଉପଯୁକ୍ତ ଠିକାସଂସ୍ଥା ଓ ଠିକାଦାର ଥିବା ବେଳେ କେବଳ ତାଲିକାଭୁକ୍ତ ଠିକାଦାରଙ୍କୁ ପ୍ରାଧାନ୍ୟ ଦେବା ଆଇନବିରୁଦ୍ଧ ବୋଲି ଅଭିଯୋଗରେ ଦର୍ଶାଯାଇଛି । ପୌରସଂସ୍ଥାରେ ପାରିତ ଉନ୍ନତିମୂଳକ କାର୍ଯ୍ୟଧାରାକୁ କୌଣସି ବାହ୍ୟ ପ୍ରଭାବଶାଳୀ ବ୍ୟକ୍ତିଙ୍କଠାରୁ ଦୂରେଇ ରଖିବା ପାଇଁ ଦାବି କରାଯାଇଛି । ତେଣୁ ବିଭିନ୍ନ ୱାର୍ଡର ନିର୍ବାଚିତ କାଉନସିଲରମାନେ ଉକ୍ତ ଘଟଣାବଳୀକୁ ଦୃଷ୍ଟିରେ ରଖି ଆସନ୍ତା ୨୭ ତାରିଖ ପୂର୍ବରୁ ଉକ୍ତ ଠିକା ପ୍ରସ୍ତାବକୁ ତୁରନ୍ତ ପ୍ରତ୍ୟାହାର କରି କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପୂର୍ବକ ଏହାକୁ ଇ-ଟେଣ୍ଡର ମାଧ୍ୟମରେ ପୁନଃ ପ୍ରକାଶିତ କରିବା ନିମନ୍ତେ ପୌରାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁରଙ୍କ ସମେତ ବିଜେଡି କାଉନସିଲର ସନ୍ଦୀପ ଷଡ଼ଙ୍ଗୀ, ଲିପିକା ଦାସ, ଶୁଭଲକ୍ଷ୍ମୀ ସାହୁ, ସସ୍ମିତା ଭଞ୍ଜ, ବଂଶୀଧର ଦଳେଇ, ସାଗିର ମହମ୍ମଦ, ଗୀତା ଦେହୁରୀ, ମଧୁସ୍ମିତା ସ୍ୱାଇଁ ଓ ରୋଜାଲିନ ସାହୁ ପ୍ରମୁଖ ପୌର ନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିବା ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ ସମସ୍ୟା ସମାଧାନ ଦାବିରେ ୨୭ରେ ପ୍ରତିବାଦ ସଭା

## ଜିଲା ଓକିଲ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ

ଢେଙ୍କାନାଳ,୨୫।୨(ରତନ ନାୟାର)




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି

ଢେଙ୍କାନାଳ ଜିଲାରେ ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ଲଢେଇ ଜାରି ରହିଛି । ନ୍ୟାୟ ମିଳିବା ପର୍ଯ୍ୟନ୍ତ ଲଢେଇ ଚାଲିବ। ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ସହଯୋଗରେ ଏକ ପ୍ରତିବାଦ ସଭା ଆସନ୍ତା ୨୭ ତାରିଖରେ ଢେଙ୍କାନାଳ ସହର ଗୋପବନ୍ଧୁ ଟାଉନ ହଲ ସମ୍ମୁଖରେ ଅନୁଷ୍ଠିତ ହେବ ବୋଲି ବୁଧବାର ଏକ ଖବରଦାତା ସମ୍ମିଳନୀରେ ଢେଙ୍କାନାଳ ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ଏହି ପ୍ରତିବାଦ ସଭାରେ ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ସଭାପତି ପଞ୍ଚାନନ କାନୁନଗୋ ଏବଂ ଉପଦେଷ୍ଟା ରବି ଦାସ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା କହିଛନ୍ତି। ଏହି ପ୍ରତିବାଦ ସଭାରେ ସମସ୍ତ ଜନସାଧାରଣ, ବିଦ୍ୟୁତ ଉପଭୋକ୍ତା ଯୋଗଦେବା ପାଇଁ ସେ ନିବେଦନ କରିଛନ୍ତି । ଖବରଦାତା ସମ୍ମିଳନୀରେ ଜିଲା ଓକିଲ ସଂଘର ଉପସଭାପତି ଟଙ୍କଧର ବେହେରା ଓ ସମ୍ପାଦକ ତାପସ କବିଶତପଥୀ ଉପସ୍ଥିତ ଥିଲେ ।

# ଭାରତୀୟ ମଜଦୁର ସଂଘର ପ୍ରତିବାଦ ଦିବସ




ଢେଙ୍କାନାଳ,୨୫।୨(ରତନ ନାୟାର)

ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାରତୀୟ ମଜଦୁର ସଂଘ ସହିତ ୮ଟି ଶ୍ରମିକ ସଂଗଠନ ପକ୍ଷରୁ ବୁଧବାର ପ୍ରତିବାଦ ଦିବସ ପାଳନ କରାଯାଇଥିଲା । ୧୧ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଲଳିତ କୁମାର ବେହେରାଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ସମସ୍ତ କ୍ଷେତ୍ରରେ ଶ୍ରମ ଆଇନର କଠୋର ଓ ସାର୍ବଭୌମ ପ୍ରୟୋଗ ସୁନିଶ୍ଚିତ କରିବା, ଇଣ୍ଡଷ୍ଟ୍ରିଆଲ୍ ରିଲେସନ୍ କୋଡ୍ ୨୦୨୦ ଓ ଅକୋପେସନ୍ ସେଫ୍‌ଟି, ହେଲ୍‌ଥ ଏବଂ ୱାର୍କିଂ କଣ୍ଡିଶନ ୨୦୨୦ ଶ୍ରମିକ ଚିନ୍ତାବୋଧକ ସମାଧାନ କରିବା, ଭାରତୀୟ ଶ୍ରମ ସମ୍ମେଳନକୁ ଆହ୍ୱାନ କରି ତ୍ରିପାକ୍ଷିକ କମିଟି ଗଠନ କରି ବୈଠକ ନିର୍ଦ୍ଧାରଣ, ସମସ୍ତ ସ୍କିମ୍ ୱାର୍କରଙ୍କ ମାସିକ ମାନଦଣ୍ଡ ବୃଦ୍ଧି କରାଯାଉ, ଇପିଏସ୍-୯୫ ଅନୁସାରେ ନ୍ୟୂନତମ ୧୦୦୦ ଟଙ୍କାରୁ ୭୫୦୦ ଟଙ୍କା ବୃଦ୍ଧି ହେଉ, ଏନ୍‌ଟିସି, ଏଚ୍‌ଇସି, ଆଇଟିଆଇ, ଏଚ୍‌ଏମ୍‌ଟି ପରି ସରକାରୀ ଉଦ୍ୟୋଗର ବକେୟା ବେତନ ପ୍ରଦାନ ହେଉ, ବ୍ୟାଙ୍କିଙ୍ଗ୍ କ୍ଷେତ୍ର ୫ ଦିନିଆ କାର୍ଯ୍ୟ ସପ୍ତାହ ଆରମ୍ଭ ହେଉ, ଇଏସ୍‌ଆଇ ଓ ଇପିଏଫ୍ ଅଧୀନ ଲାଭ ପାଇବା ସୀମା ବୃଦ୍ଧି କରାଯାଉ, ବୋନସ୍ ଦେୟ ପାଇଁ ଯୋଗ୍ୟତା ବୃଦ୍ଧି କରାଯାଉ, ସାଧାରଣ ନିଯୁକ୍ତି ଉପରେ ନିଷେଧ ହଟାଇ ଚାକିରି ସୁରକ୍ଷା ସୁନିଶ୍ଚିତ କରାଯିବା ଆଦି ଦାବି ରହିଥିଲା । ସଂଘ ଜିଲା ପ୍ରଭାରୀ ଶ୍ରୀନିବାସ ଖୁଣ୍ଟିଆଙ୍କ ସମେତ ଢେଙ୍କାନାଳ ଜିଲା ସଭାପତି ଅନିଲ୍ କୁମାର ଭୂତିଆ, ସମ୍ପାଦକ ଶିବାଶକ୍ତି ମହାନ୍ତି, ଆଶା ସଂଘ ସଭାନେତ୍ରୀ ସୁପ୍ରଭା ପ୍ରଧାନ, ସମ୍ପାଦିକା ସୁମିତ୍ରା ବେହେରା, ରଣଜିତ୍ ପଣ୍ଡା, ନାରାୟଣ ବେହେରା, ଅନ୍ତର୍ଯାମୀ ଭୂତିଆ, ବିଶ୍ୱଜିତ୍ ପଟ୍ଟନାୟକ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସଫଳ କରିଥିଲେ।


**୨୨ତମ ଜନ୍ମଦିନ ଶୁଭେଚ୍ଛା**





**ଶୁଭଦର୍ଶିନୀ ବିଶ୍ୱକର୍ମା (ମାମୁନି)**

ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା

ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଚଲାପଥ କୁସୁମିତ କରନ୍ତୁ।

-:ଶୁଭେଚ୍ଛା ସହ:-

ବାବା: ଗଙ୍ଗାଧର ଓଝା, ମାମା: ବନଜ ବାସିନୀ ଓଝା, ବୋଉ, ଆଈ, ପିଇସା, ପିଉସୀ, ମଉସା, ମାଉସୀମାନେ ଓ ବନ୍ଧୁ, ପରିବାରବର୍ଗ ।

ଧ-୨୪୪


# ୬ରୁ ଉପଖଣ୍ଡ ବସନ୍ତ ମହୋତ୍ସବ

କାମାକ୍ଷାନଗର, ୨୫।୨ (ସୁଧୀର କୁମାର ପରିଡା)

- ଦେଶର ବିଭିନ୍ନ ସାଂସ୍କୃତିକ ନୃତ୍ୟ ପ୍ରଦର୍ଶନ ହେବ
- ୫ ଦିନ ହେବ ପଲ୍ଲିଶ୍ରୀ ମେଳା ଓ ଖାଦ୍ୟ ମହୋତ୍ସବ

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ବସନ୍ତ ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କାମାକ୍ଷାନଗର ଉପଜିଲାପାଳ ଦୀନମଣି ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହୋତ୍ସବ ମାର୍ଚ୍ଚ ୬ରୁ ଆରମ୍ଭ ହୋଇ ୮ ତାରିଖରେ ଶେଷ ହେବାକୁ ସ୍ଥିର ହୋଇଥିଲା। ଏଥିସହ ପ୍ରତ୍ୟହ ସନ୍ଧ୍ୟାରେ ଦେଶର ବିଭିନ୍ନ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମହୋତ୍ସବ ଦିନଠାରୁ ୫ ଦିନ ଧରି ପଲ୍ଲିଶ୍ରୀ ମେଳା ଓ ଖାଦ୍ୟ ମହୋତ୍ସବ ହେବାକୁ ସ୍ଥିର ହୋଇଛି। ମହୋତ୍ସବ ଆରମ୍ଭ ଦିନ ଅପରାହ୍ନରେ କାମାକ୍ଷାନଗର ତାରିଣୀ ମନ୍ଦିରଠାରୁ ଜଗନ୍ନାଥ ବଜାରଦେଇ ମହୋତ୍ସବ ସ୍ଥଳ ସାରଙ୍ଗଧର ଷ୍ଟାଡିୟମ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା କରାଯିବାକୁ ସ୍ଥିର ହୋଇଛି। ଏଥିସହ ସ୍ମରଣିକା 'କାମାକ୍ଷୀ' ଉନ୍ମୋଚନ କରିବାକୁ ସ୍ଥିର ହୋଇଛି। ବୈଠକରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଭାଜପା ଢେଙ୍କାନାଳ ଜିଲା ସଭାପତି ରାସବିହାରୀ ବେହେରା, କାମାକ୍ଷାନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ଏସ୍‌ଡିପିଓ ରଜନୀକାନ୍ତ ସାମଲ, କାମାକ୍ଷାନଗର ବିଡିଓ ପ୍ରଭୁକଲ୍ୟାଣ ଦାସ, କଙ୍କଡ଼ାହାଡ ବିଡିଓ ଯଶୋବନ୍ତ ଦେହୁରୀ, ଭୁବନ ବିଡିଓ ଆରୁଷୀ ମହାପାତ୍ର, ପରଜଙ୍ଗ ବିଡିଓ ସୌଭାଗ୍ୟ ବେହେରା, କାମାକ୍ଷାନଗର ତହସିଲଦାର ଶୁଭଙ୍କର ମହାନ୍ତି, ପରଜଙ୍ଗ ତହସିଲଦାର ସୁଦେବ ପୃଷ୍ଟି, ପରଜଙ୍ଗ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, କାମାକ୍ଷାନଗର ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ, ଓକିଲ ସଂଘ ସଭାପତି ରଞ୍ଜନ କୁମାର ରାଉତ, କଳ୍ପନା କ୍ଲବ ଉପସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ ଉପସ୍ଥିତ ଥିବାବେଳେ ସହକାରୀ ଜିଲାପାଳ ତଥା ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଦୀପକ କୁମାର ମିଶ୍ର ସଭା ପରିଚାଳନା ଓ ଧନ୍ୟବାଦ ପ୍ରଦାନ କରିଥିଲେ।

# ନିଯୁକ୍ତି ସମସ୍ୟା ସମାଧାନ ନ ହେଲେ ୯ରୁ ଧାରଣା



ଢେଙ୍କାନାଳ,୨୫।୨(ରତନ ନାୟାର)

## ପଲିଷ୍ଟର ଜମିହରା ପ୍ରଜାଙ୍କ ଚେତେବନୀ

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଉଳପୁରସ୍ଥିତ କାରଖାନାରେ ନିଯୁକ୍ତି ଦାବି ନେଇ ପଲିଷ୍ଟର କାରଖାନା ଜମିହରା ପ୍ରଜାସଂଘ ୨୦୧୫ରୁ ପ୍ରଶାସନ ନିକଟରେ ନିବେଦନ କରିଆସୁଛି । ବର୍ତ୍ତମାନ ସୁଦ୍ଧା ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ନିଆଯାଇନାହିଁ । ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ମାର୍ଚ୍ଚ ୯ ତାରିଖରେ ପଲିଷ୍ଟର କାରଖାନା ଜମିହରା ପ୍ରଜା ସ୍ଥାନୀୟ ଆରଆଇଏଲ୍ କମ୍ପାନୀ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଧାରଣା ଦେବା ପାଇଁ ଜିଲାପାଳଙ୍କୁ ଜଣାଇଛନ୍ତି। ଅଭିଯୋଗରୁ ଜଣାପଡିଛି ଯେ, ୧୯୮୪ ଓ ୧୯୮୬ରେ ବଡ଼ବଉଳପୁର, ସୁଧାଡିହକାଟେଣୀ, ସଦାଶିବପୁର, ସାନ ବଉଳପୁର, ଜୁଭିନାଳି ଓ ଝାରଗାଡିଆ ମୌଜାରେ ଜମି ଅଧିଗ୍ରହଣ କରାଯାଇ ଡେସିମିଲ ପିଛା ୪୦ଟଙ୍କା ସହ ସମସ୍ତ ଜମିହରା ପ୍ରଜାଙ୍କୁ କମ୍ପାନୀ ପକ୍ଷରୁ ନିଯୁକ୍ତି ପ୍ରଦାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ପରେ କମ୍ପାନୀ ୨୦୦୩ ଓ ୨୦୦୮ରେ ନିଯୁକ୍ତି ପାଇଥିବା କିଛି ଜମିହରା ପ୍ରଜାଙ୍କୁ ଚାକିରିରୁ ବାହାର କରିଦେଇଥିଲା। ଏ ନେଇ ସମ୍ପୃକ୍ତ କର୍ମଚାରୀମାନେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ୨୦୨୫ରେ ମାମଲାର ଫଏସଲା ପାଇଁ ଉଚ୍ଚ ନ୍ୟାୟାଳୟ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ସମାଧାନ କରାଯାଇନାହିଁ। ତେଣୁ ମାର୍ଚ୍ଚ ୯ରେ କମ୍ପାନୀ ସମ୍ମୁଖରେ ଧାରଣା ଦିଆଯିବ ବୋଲି ପ୍ରଜାସଂଘ ସଭାପତି ଅରୁଣ କୁମାର ସାହୁ ସୂଚନା ଦେଇଛନ୍ତି ।


Classified Everyday 0674-2580101, 9692975378

**AFFIDAVIT**

I, Litton Behra, Village-Niranjanpur, Dist.-Khorda, Jatni, Odisha 752050, declare by this Affidavit serial No- 79AA335016, that now onwards I shall be known as Litton Behera for all future purposes.
D-3481

I, Muralidhar Behra, Village- Niranjanpur, Dist.- Khorda, Jatni, Odisha, 752050, declare by this Affidavit serial No 79AA335014, that now onwards I shall be known as Muralidhar Behera for all future purposes. D-3482

I, Sarojini Behra, Village-Niranjanpur, Dist.-Khorda, Jatni, Odisha, 752050, declare by this Affidavit serial No-79AA335015, that now onwards I shall be known as Sarojini Behera for all future purposes. D-3482

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କରମୂଳ ପୂର୍ବତନ ସରପଞ୍ଚଙ୍କ ପରଲୋକ

ଢେଙ୍କାନାଳ,୨୫।୨(ରତନ ନାୟାର)

ଢେଙ୍କାନାଳ ଜିଲା ଗଁନ୍ଦିଆ ବ୍ଲକ କରମୂଳ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ପୀତବାସ ସ୍ୱାଇଁଙ୍କର ବୁଧବାର ଦେହାନ୍ତ ହୋଇଯାଇଛି। ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା । ସେ ଦୀର୍ଘ ଦିନ ଧରି ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ସେ ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ କରମୂଳ ସରପଞ୍ଚ ଦାୟିତ୍ୱ ତୁଲାଇଥିଲେ । ଗ୍ରାମ କମିଟିର ସଭାପତି ଓ ସମ୍ପାଦକ ଭାବେ ମଧ୍ୟ ଦାୟିତ୍ୱ ନେଇଥିଲେ । ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଗ୍ରାମ ଓ ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ ।



# ଛୁଟି ଥିବା ଆଳ ଦେଖାଇ କାଗଜପତ୍ର ପଠାଯାଉ ନ ଥିଲା

- ଅଙ୍ଗନୱାଡି କର୍ମୀଙ୍କ ପ୍ରତିବାଦ ଘଟଣା, ପଦାକୁ ଆସିଲା ସତ
- ବିଡିଓଙ୍କ ତାଗିଦ, ଆକାଉଣ୍ଟ ଷ୍ଟେଟ୍‌ମେଣ୍ଟ ଅପ୍‌ଡେଟ୍ କର

ଢେଙ୍କାନାଳ,୨୫।୨(ରତନ ନାୟାର)




ଢେଙ୍କାନାଳ ସଦର ବ୍ଲକର ଅଙ୍ଗନୱାଡି କର୍ମୀମାନେ ବିଭିନ୍ନ ସମସ୍ୟାକୁ ନେଇ ସୋମବାର ସହରସ୍ଥିତ ମହିଷାପାଟଠାରେ ଥିବା ମିଶନଶକ୍ତି ଭବନରେ ତାଲା ପକାଇ ପ୍ରତିବାଦ କରିଥିଲେ । ଅଙ୍ଗନୱାଡି କର୍ମୀମାନଙ୍କୁ ଜାନୁଆରୀ ମାସର ପ୍ରାପ୍ୟ ମିଳି ନ ଥିବା ବେଳେ ଅଣ୍ଡା, ଛତୁଆ ଓ ପୋଷଣ ପାଇଁ ଟଙ୍କା ମିଳି ନ ଥିଲା । ସେହିପରି ମମତା ଯୋଜନା କାର୍ଯ୍ୟ ପାଇଁ ପ୍ରୋତ୍ସାହନ ରାଶି ବର୍ତ୍ତମାନ ସୁଦ୍ଧା ମିଳି ନ ଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏ ସଂକ୍ରାନ୍ତରେ ଗତ ୧୨ ତାରିଖରେ ଅଙ୍ଗନୱାଡି କର୍ମୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଅବଗତ କରାଯାଇଥିଲା । ଏହାସତ୍ତ୍ୱେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଅଙ୍ଗନୱାଡି କର୍ମୀମାନେ ମିଶନ ଶକ୍ତି କାର୍ଯ୍ୟାଳୟକୁ ଘେରାଉ କରିଥିଲେ । ଏହାପରେ ସଦର ବ୍ଲକ ବିଡିଓଙ୍କ ହସ୍ତକ୍ଷେପ ପରେ ସମସ୍ୟା ସମାଧାନ ପାଇଁ ବୈଠକ ବୁଧବାର ସଦର ବ୍ଲକ କାର୍ଯ୍ୟାଳୟରେ ହେବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ସଦର ବ୍ଲକର ପ୍ରତି ସେକ୍ଟରରୁ ଜଣେ ଲେଖାଏଁ ଅଙ୍ଗନୱାଡି କର୍ମୀ ଓ ରାଜ୍ୟ ସଂଘ ସମ୍ପାଦିକା ହରପ୍ରିୟା ସ୍ୱାଇଁ ଉପସ୍ଥିତ ଥିଲେ। ବିଡିଓ ବ୍ଲକରେ ଥିବା ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ସମସ୍ତ ଖାତା, ବହି ଓ ପାସବୁକକୁ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସତ ପଦାକୁ ଆସିଥିଲା । ଠିକ୍ ସମୟରେ ଅନଲାଇନରେ ଟଙ୍କା ଆସିବା ପାଇଁ ଆକାଉଣ୍ଟସ୍ କାଗଜପତ୍ରକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଉ ନ ଥିଲା । ଛୁଟି ପଡ଼ିଥିବା ଆଳ ଦେଖାଇ କାଗଜପତ୍ର ପଠାଯାଉ ନ ଥିଲା ବୋଲି ଆଲୋଚନାରୁ ଜଣାପଡ଼ିଥିଲା । ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ସଦର ବ୍ଲକ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଆକାଉଣ୍ଟକୁ ଅଙ୍ଗନୱାଡି କେନ୍ଦ୍ର ପାଇଁ ବିଭିନ୍ନ ଯୋଜନା ବାବଦକୁ ଅନୁଦାନ ଆସୁଥିବା ବେଳେ ଏହାକୁ ଅଙ୍ଗନୱାଡି କେନ୍ଦ୍ରକୁ ପଠାଯାଉ ନ ଥିଲା । ଏ ନେଇ ଆକାଉଣ୍ଟ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ବିଡିଓ ପଚାରିବାରୁ ସେମାନେ କୌଣସି ଉତ୍ତର ଦେଇପାରିନଥିଲେ । ସେହିପରି ଦୀର୍ଘଦିନ ହେବ ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ଚାଉଳ ଯୋଗାଣ ହେଉ ନ ଥିବାରୁ ଏହାକୁ ନେଇ ମଧ୍ୟ ଆଲୋଚନା ହୋଇଥିଲା । ମିଶନଶକ୍ତି କାର୍ଯ୍ୟାଳୟ ଘେରାଉ ପରେ ତରବରିଆ ଭାବେ ଚାଉଳ ଯୋଗାଣକାରୀ ସଂସ୍ଥା କେତେକ କେନ୍ଦ୍ରକୁ ଚାଉଳ ଯୋଗାଇଥିବା ସୂଚନା ମିଳିଛି । ଏଣିକି ପ୍ରତି ମାସରେ ଆକାଉଣ୍ଟ ଷ୍ଟେଟମେଣ୍ଟ ଅପଡେଟ୍ କରିବା ପାଇଁ ବିଡିଓ କର୍ମଚାରୀମାନଙ୍କୁ ତାଗିଦ କରିଛନ୍ତି । ଚାଉଳ ଯୋଗାଣ ହେଉ ନ ଥିବା ସମ୍ପର୍କରେ ଜିଲାପାଳଙ୍କ ସହିତ ଆଲୋଚନା କରି ପଦକ୍ଷେପ ନିଆଯିବ । ଖୁବଶୀଘ୍ର ଅଙ୍ଗନୱାଡି କର୍ମୀମାନଙ୍କୁ ଦୁଇ ମାସର ଦରମା ମିଳିବ ବୋଲି ବିଡିଓ ରାହୁଲ ମଣ୍ଡଳଙ୍କ ସୂଚନାରୁ ଜଣାପଡିଛି। ପ୍ରତିଶ୍ରୁତି ଅନୁଯାୟୀ ରୋଷେଇ, ଅଣ୍ଡା ଯୋଗାଣ ଏବଂ ଦରମା ବାବଦକୁ ଅନୁଦାନ ଆକାଉଣ୍ଟକୁ ଯଦି ନ ଆସେ ପୁଣିଥରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଅଙ୍ଗନୱାଡି କର୍ମୀମାନେ କହିଛନ୍ତି।

